रजिस्ट्री सं॰ डी॰ एल॰—(एन)04/0007/2006—08 REGISTERED NO. DL—(N)04/0007/2006—08

भारत का राजपत्र
The Gazette of India

असाधारण
EXTRAORDINARY
भाग II — खण्ड 1
PART II — Section 1
प्राधिकार से प्रकाशित
PUBLISHED BY AUTHORITY

सं॰ 2] नई दिल्ली, मंगलवार, जनवरी 2, 2007 / पौष 12, 1928
No. 2] NEW DELHI, TUESDAY, JANUARY 2, 2007 / PAUSA 12, 1928

## ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ
## (ବିଧିନିର୍ମାଣ ବିଭାଗ)

ନୂଆଦିଲ୍ଲୀ, ୨ ଜାନୁଆରୀ, ୨୦୦୭, ପୌଷ ୧୨, ୧୯୨୮ (ଶକ)

ସଂସଦର ନିମ୍ନ ଆଇନ୍‌ଟି ୨୯ ଡିସେମ୍ବର, ୨୦୦୬ରେ ରାଷ୍ଟ୍ରପତିଙ୍କ ସହମତି ଲାଭ କରିଛି ଏବଂ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉଛି -

# ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ (ଜଙ୍ଗଲର ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ଆଇନ୍, ୨୦୦୬

(୨୦୦୭ର ଆଇନ୍ ସଂଖ୍ୟା ୨)

୨୯ ଡିସେମ୍ବର, ୨୦୦୬

**ଯେଉଁ ଅନୁସୂଚୀତ ଜନଜାତି ତଥା ଅନ୍ୟାନ୍ୟ ଜଙ୍ଗଲବାସୀ ପୁରୁଷ ପୁରୁଷ ଧରି ଜଙ୍ଗଲରେ ବସବାସ କରି ଆସୁଛନ୍ତି ଅଥଚ ସେମାନଙ୍କର ଅଧିକାରକୁ ଲିପିବଦ୍ଧ କରାଯିବା ସମ୍ଭବପର ହୋଇପାରିନି, ସେମାନଙ୍କର ଜଙ୍ଗଲ ଉପରେ ଅଧିକାର ତଥା ଜଙ୍ଗଲ ଜମିରେ ଭୋଗଦଖଲକୁ ସ୍ୱୀକୃତି ପ୍ରଦାନ ତଥା ନ୍ୟସ୍ତୀକରଣ ପାଇଁ ; ଏତାଦୃଶ ଭାବେ ନ୍ୟସ୍ତ ହେବାକୁ ଥିବା ଜଙ୍ଗଲ ଉପରେ ଅଧିକାରସମୂହକୁ ରେକର୍ଡଭୁକ୍ତ କରିବା ତଥା ଜଙ୍ଗଲ ଜମି କ୍ଷେତ୍ରରେ ଉକ୍ତ ସ୍ୱୀକୃତି ପ୍ରଦାନ ଏବଂ ନ୍ୟସ୍ତୀକରଣ ପାଇଁ ଯେଉଁ ଧରଣର ପ୍ରମାଣ-ସଂଗ୍ରହ ପ୍ରୟୋଜନ, ସେଥି ନିମନ୍ତେ ଆବଶ୍ୟକ ହେଉଥିବା ଏକ ଢାଞ୍ଚାର ପ୍ରାବ୍‌ଧାନ କରିବା ସକାଶେ ଏହି ଆଇନ୍‌ଟି ଉଦ୍ଦିଷ୍ଟ ।**

ଯେହେତୁ, ଜଙ୍ଗଲରେ ବସବାସ କରୁଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ ସ୍ୱୀକୃତି-ପ୍ରାପ୍ତ ଅଧିକାରସମୂହ ଭିତରେ ଅନ୍ତର୍ଭୁକ୍ତ ରହିଛି ଏଭଳି ଦାୟିତ୍ୱମାନ ଓ ପ୍ରାଧିକାର, ଯଦ୍ୱାରା ସୁସ୍ଥାୟୀ ଉପଯୋଗ, ଜୈବ-ବିବିଧତାର ସଂରକ୍ଷଣ ଏବଂ ପାରିପାର୍ଶ୍ୱିକ ସନ୍ତୁଳନର ଅନୁରକ୍ଷଣ ତଥା ତଦ୍ୱାରା ଜଙ୍ଗଲବାସୀ ଅନୁସୂଚୀତ ଜନଜାତସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ ଜୀବିକା ଓ ଖାଦ୍ୟ ନିରାପତ୍ତାର ସୁରକ୍ଷା ସହିତ ଜଙ୍ଗଲସମୂହର ସଂରକ୍ଷଣ ଶୃଙ୍ଖଳକୁ ସୁଦୃଢ଼ କରାଯାଇପାରିବ;

ଏବଂ ଯେହେତୁ, ଔପନିବେଶିକ ଯୁଗରେ ଏବଂ ଏପରିକି ସ୍ୱାଧୀନ ଭାରତବର୍ଷରେ ରାଜ୍ୟର ଜଙ୍ଗଲଗୁଡିକର ଏକତ୍ରୀକରଣ କଲାବେଳେ ପୂର୍ବଜଙ୍କ ଜମି ଓ ସେମାନଙ୍କ ବାସସ୍ଥଳରେ ଥିବା ଜଙ୍ଗଲ ଉପରେ ସେମାନଙ୍କର ଅଧିକାରସମୂହକୁ ପର୍ଯ୍ୟାପ୍ତ ଭାବେ ସ୍ୱୀକୃତି ଦିଆଯାଇ ପାରିନଥିଲା, ଯାହା ଫଳରେ କି ଜଙ୍ଗଲ ପରିସଂସ୍ଥା ତିଷ୍ଠି ରହିବା ଏବଂ ସୁସ୍ଥାୟୀ ରହିବା କ୍ଷେତ୍ରରେ ଏକ କେନ୍ଦ୍ରୀୟ ଭୂମିକା ନିର୍ବାହ କରୁଥିବା ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ ପ୍ରତି ଏକ ଐତିହାସିକ ଅନ୍ୟାୟ ଘଟିଯାଇଛି ;

ଏବଂ ଯେହେତୁ, ରାଜ୍ୟର ବିକାଶ କାର୍ଯ୍ୟକ୍ରମଗୁଡିକ କାରଣରୁ ଯେଉଁମାନଙ୍କୁ ନିଜ ବାସଭୂଇଁରୁ ସ୍ଥାନାନ୍ତର ହେବାକୁ ବାଧ୍ୟ କରାଯାଇଥିଲା, ସେମାନଙ୍କ ସମେତ ଜଙ୍ଗଲରେ ବସବାସ କରି ଆସୁଥିବା ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କର ରୟତି-ସ୍ୱତ୍ତ୍ୱ ଏବଂ ଯାତାୟତର ଅଧିକାରସମୂହକୁ କେନ୍ଦ୍ରକରି ଦୀର୍ଘକାଳ ଧରି ଲାଗି ରହିଥିବା ଅନିଶ୍ଚୟତାର ଏକ ଫଇସଲା କରିବା ଆବଶ୍ୟକ ହୋଇପଡିଛି ।

ତେଣୁ, ଭାରତୀୟ ପ୍ରଜାତନ୍ତ୍ରର ୫୭ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଏହି ଆଇନ୍‌ଟି ପ୍ରଣୟନ କରାଯାଉଛି :-

## ଅଧ୍ୟାୟ-୧ : ପ୍ରାରମ୍ଭିକ

### ୧. ସଂକ୍ଷିପ୍ତ ଶିରୋନାମା ଓ ପ୍ରାରମ୍ଭ-

(୧) ଏହି ଆଇନ୍‌କୁ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍, ୨୦୦୬ ବୋଲି କୁହାଯାଇପାରେ ।

(୨) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ଏହି ଆଇନ୍‌ର ପରିସରଭୁକ୍ତ ।

(୩) ଏହି ଆଇନ୍ ସେହି ତାରିଖ ଠାରୁ ବଳବତ୍ତର ହେବ, ଯାହା କି କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ବଳରେ ଧାର୍ଯ୍ୟ କରିପାରନ୍ତି ।

### ୨. ସଂଜ୍ଞାମାନ-

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ, -

(ଏ) **'ଜନଗୋଷ୍ଠୀ ଜଙ୍ଗଲ ସମ୍ପଦ'**ର ଅର୍ଥ ଗ୍ରାମର ପାରମ୍ପରିକ ବା ବ୍ୟାବାହାରିକ ପରିସୀମା ଭିତରେ ଅବସ୍ଥିତ ଥିବା ପ୍ରଥାସିଦ୍ଧ ସର୍ବସାଧାରଣ ଜଙ୍ଗଲ ଜମି କିମ୍ବା ପଶୁପାଳକ ଜନଗୋଷ୍ଠୀମାନଙ୍କ କ୍ଷେତ୍ରରେ ସଂରକ୍ଷିତ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ ଏବଂ ଅଭୟାରଣ୍ୟସମୂହ ଓ ଜାତୀୟ ଉଦ୍ୟାନସମୂହ ଭଳି ସୁରକ୍ଷିତ ଅଞ୍ଚଳସମୂହ ସମେତ ସେମାନଙ୍କ ଦ୍ୱାରା ଋତୁକାଳୀନ ଉପଯୋଗ ହେଉଥିବା ଭୂ-ଅଞ୍ଚଳ, ଯେଉଁଥିରେ କି ପରମ୍ପରା କ୍ରମେ ଜନଗୋଷ୍ଠୀ ଯାତାୟତ କରି ପାରୁଥିଲେ;

(ବି) **'ସଂକଟାପନ୍ନ ବନ୍ୟଜୀବ ଆବାସସ୍ଥଳ'**ର ଅର୍ଥ ସେହିସବୁ ଜାତୀୟ ଉଦ୍ୟାନସମୂହ ଓ ଅଭୟାରଣ୍ୟସମୂହ, ଯେଉଁଗୁଡିକ ଭିତରୁ ପ୍ରତ୍ୟେକଟି କ୍ଷେତ୍ରରେ ବିଜ୍ଞାନସମ୍ମତ ଓ ବସ୍ତୁନିଷ୍ଠ ମାନଦଣ୍ଡ ଭିତ୍ତିରେ ଏହା ବିନିର୍ଦ୍ଦିଷ୍ଟ ଏବଂ ସୁସ୍ପଷ୍ଟ ଭାବେ ସାବ୍ୟସ୍ତ ହୋଇଥିବା ମତେ ସେହିସବୁ ଅଞ୍ଚଳଗୁଡିକୁ ବନ୍ୟଜୀବ ସଂରକ୍ଷଣ ଉଦ୍ଦେଶ୍ୟରେ ଅକ୍ଷତ ରଖାଯିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏଭଳି ଏକ ବିଶେଷଜ୍ଞ କମିଟିଙ୍କ ଜରିଆରେ ଏକ ଉନ୍ମୁକ୍ତ ପରାମର୍ଶର ପ୍ରକ୍ରିୟା ଅନ୍ତେ ନିର୍ଦ୍ଧାରଣ ଓ ବିଜ୍ଞପ୍ତି କରିପାରନ୍ତି, ଯେଉଁ କମିଟିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ସ୍ଥାନୀୟ ବିଶେଷଜ୍ଞବୃନ୍ଦ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରତିନିଧି ଅନ୍ତର୍ଭୁକ୍ତ ରହିଥିବେ ତଥା ଯେଉଁ କମିଟି ଧାରା-୪ ଅଧୀନସ୍ଥ ଉପଧାରା (୧) ଓ (୨) ଜନିତ କାର୍ଯ୍ୟବିଧିଗତ ପ୍ରୟୋଜନସମୂହର ଉଦ୍ଦେଶ୍ୟାର୍ଥେ ଉକ୍ତ ଅଞ୍ଚଳଗୁଡ଼ିକର ଚିହ୍ନଟ କରିବ;

(ସି) **'ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ'**ର ଅର୍ଥ ଅନୁସୂଚୀତ ଜନଜାତିସମୂହଙ୍କର ସଭ୍ୟବୃନ୍ଦ ଅଥବା ଏକ ଜନଗୋଷ୍ଠୀ, ଯେଉଁମାନେ କି ମୂଳତଃ ଜଙ୍ଗଲ ଭିତରେ ବସବାସ କରିଥାନ୍ତି ଏବଂ ନିଜ ଜୀବିକାର ପ୍ରକୃତ ଆବଶ୍ୟକତାଗୁଡିକ ପାଇଁ ଜଙ୍ଗଲସମୂହ ବା

ଜଙ୍ଗଲ-ଜମିସମୂହ ଉପରେ ନିର୍ଭର କରନ୍ତି ଏବଂ ଏହା ଭିତରେ ଅନୁସୂଚୀତ ଜନଜାତି ପଶୁପାଳକ ଜନଗୋଷ୍ଠୀସମୂହ ଅନ୍ତର୍ଭୁକ୍ତ ରହିବ;

(ଡି) **'ଜଙ୍ଗଲ ଜମି'**ର ଅର୍ଥ ଜଙ୍ଗଲ ଅଞ୍ଚଳ ମଧ୍ୟରେ ଅବସ୍ଥିତ ଥିବା ଯେ କୌଣସି ଧରଣର ଜମି ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ ରହିବ, ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲସମୂହ, ସୀମାଙ୍କିତ ହୋଇ ନଥିବା ଜଙ୍ଗଲସମୂହ, ସ୍ଥିତିବାନ୍ ବା ତଦୃଶ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ, ସଂରକ୍ଷିତ ଜଙ୍ଗଲସମୂହ, ଅଭୟାରଣ୍ୟସମୂହ ଓ ଜାତୀୟ ଉଦ୍ୟାନସମୂହ;

(ଇ) **'ଜଙ୍ଗଲ ଅଧିକାରସମୂହ'**ର ଅର୍ଥ ଆଇନ୍‌ର ଧାରା-୩ରେ ସୂଚିତ ହୋଇଥିବା ଜଙ୍ଗଲ ଅଧିକାରସମୂହ;

(ଏଫ୍) **'ଜଙ୍ଗଲ ଗ୍ରାମସମୂହ'**ର ଅର୍ଥ ସେହିସବୁ ଜନବସତି, ଯାହା କି ବନକାର୍ଯ୍ୟ ସମ୍ପାଦନ ପାଇଁ କୌଣସି ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲଗୁଡିକ ଭିତରେ ସ୍ଥାପିତ ହୋଇଅଛି, କିମ୍ବା ଯାହା କି ଜଙ୍ଗଲ ସଂରକ୍ଷଣ ପ୍ରକ୍ରିୟା ମଧ୍ୟରେ ଜଙ୍ଗଲ ଗ୍ରାମସମୂହରେ ସଂପରିବର୍ତ୍ତିତ ହୋଇଛି, ଏବଂ ଏଥିମଧ୍ୟରେ ଅନ୍ତର୍ଭୁକ୍ତ ରହିବ ସେହିସବୁ ଜଙ୍ଗଲ ବନ୍ଦୋବସ୍ତ ଗ୍ରାମ, ନିଧାର୍ଯ୍ୟ ଖଜଣା ଭିତ୍ତିକ ଜୋତ ଏବଂ ସମସ୍ତ ପ୍ରକାର 'ତୌଙ୍ଗିଆ' ବସତି, ଯେଉଁ ଗ୍ରାମଗୁଡିକ କି ଯେ କୌଣସି ନାମରେ କଥିତ ହେଉଥାଇପାରେ ଏବଂ ଏଥିମଧ୍ୟରେ ଅନ୍ତର୍ଭୁକ୍ତ ରହିବ ସେହିସବୁ ଜମି, ଯାହାକି ସରକାରଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ହୋଇ ଚାଷକାର୍ଯ୍ୟ ଏବଂ ଅନ୍ୟ ବ୍ୟବହାରରେ ଲାଗୁଥାଇପାରେ;

(ଜି) **'ଗ୍ରାମସଭା'**ର ଅର୍ଥ ଗ୍ରାମର ଏକ ସଭା, ଯାହାକି ଗୋଟିଏ ଗ୍ରାମର ସମସ୍ତ ସାବାଳକ ସଦସ୍ୟଙ୍କୁ ନେଇ ଗଠିତ ଏବଂ ଯେଉଁ ରାଜ୍ୟମାନଙ୍କରେ ପଞ୍ଚାୟତ ନାହିଁ, ସେସବୁ ଠାରେ ପଡ଼ା, ଟୋଲ ଏବଂ ଅନ୍ୟ ପାରମ୍ପରିକ ଗ୍ରାମ ଅନୁଷ୍ଠାନସମୂହ ତଥା ନିର୍ବାଚିତ ଗ୍ରାମ କମିଟିଗୁଡ଼ିକ, ଯେଉଁଥିରେ ମହିଳାମାନଙ୍କର ସମ୍ପୂର୍ଣ୍ଣ ଏବଂ ଅବାଧ ଭାଗିଦାରିତା ଥାଏ;

(ଏଚ୍) **'ଆବାସ-ସ୍ଥଳୀ'** ମଧ୍ୟରେ ଅନ୍ତର୍ଭୁକ୍ତ ରହିବ ସେହି ଅଞ୍ଚଳ, ଯେଉଁଠି ସଂରକ୍ଷିତ ଓ ସୁରକ୍ଷିତ ଜଙ୍ଗଲଗୁଡିକରେ ଆଦିମ ଜନଜାତି ଗୋଷ୍ଠୀସମୂହ ଏବଂ ପ୍ରାକ୍-କୃଷି ଜନଗୋଷ୍ଠୀସମୂହ ଏବଂ ଅନ୍ୟାନ୍ୟ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଏବଂ ଅନ୍ୟାନ୍ୟ ତଦୃଶ ପ୍ରାକୃତିକ ବାସସ୍ଥଳୀ ଅବସ୍ଥିତ;

(ଆଇ) **'ଲଘୁ ଜଙ୍ଗଲଜାତ ଉପଜ'** ମଧ୍ୟରେ ବାଉଁଶ, ଝାଟିବଣ, ଥୁଣ୍ଟାମୂଳ, ବେତ, ଟସର, କୋଷ, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ଗଛ ଓ ଲତାଗୁଳ୍ମ, ଚେରମୂଳ, କନ୍ଦା ଇତ୍ୟାଦି ସମେତ ସମସ୍ତ ଉଦ୍ଭିଦଜାତ ଅଣ-କାଷ୍ଠ ଜଙ୍ଗଲଜାତ ଉପଜ ଅନ୍ତର୍ଭୁକ୍ତ;

(ଜେ) **'ସଂଯୋଜକ ସଂସ୍ଥା'**ର ଅର୍ଥ ଧାରା-୧୧ରେ ବିନିର୍ଦ୍ଦିଷ୍ଟ ହୋଇଥବା ସଂଯୋଜକ ସଂସ୍ଥା;

(କେ) **'ବିଜ୍ଞପ୍ତି'**ର ଅର୍ଥ ସରକାରୀ ଗେଜେଟରେ ପ୍ରକାଶିତ ହୋଇଥିବା ଏକ ବିଜ୍ଞପ୍ତି;

(ଏଲ୍) **'ବିହିତ'**ର ଅର୍ଥ ଏହି ଆଇନ୍ ଅଧିନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀ ବଳରେ ବିହିତ କରାଯିବା;

(ଏମ୍) **'ଅନୁସୂଚୀତ ଅଞ୍ଚଳସମୂହ'**ର ଅର୍ଥ ସମ୍ବିଧାନର ୨୪୪ ଧାରାର ଉପଧାରା (୧)ରେ ସୂଚିତ ହୋଇଥିବା ଅନୁସୂଚୀତ ଅଞ୍ଚଳସମୂହ ;

(ଏନ୍) **'ସୁସ୍ଥାୟୀ ଉପଯୋଗ'** ସେହି ଅର୍ଥ ବହନ କରିବ, ଯାହା କି ଜୈବ ବିବିଧତା ଆଇନ୍-୨୦୦୨(୨୦୦୩ର ଆଇନ୍ ସଂଖ୍ୟା-୧୮)ର ଧାରା-୨ର ଉପଧାରା (ଓ)ରେ ଏହା ଉପରେ ନ୍ୟସ୍ତ କରାଯାଇଛି;

(ଓ) **'ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀ'**ର ଅର୍ଥ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଯେଉଁ ବ୍ୟକ୍ତି ବା ଜନଗୋଷ୍ଠୀ ଅନ୍ତତଃ ତିନି ପୀଢ଼ି ଧରି ମୂଳତଃ ଜଙ୍ଗଲରେ ବାସ କରିଥିବେ ଏବଂ ଯିଏ ନିଜ ଜୀବିକାର ପ୍ରକୃତ ଆବଶ୍ୟକତା ପାଇଁ ଜଙ୍ଗଲ ବା ଜଙ୍ଗଲ ଜମି ଉପରେ ନିର୍ଭରଶୀଳ ହୋଇଥିବେ;

**ସ୍ପଷ୍ଟୀକରଣ-**ଏହି ଉପଧାରାର ଉଦ୍ଦେଶ୍ୟାର୍ଥେ ଗୋଟିଏ ପୀଢ଼ି କହିଲେ ୨୫ ବର୍ଷର କାଳାବଧିକୁ ବୁଝାଇବ;

(ପି) **'ଗ୍ରାମ'**ର ଅର୍ଥ;

(୧)ପଞ୍ଚାୟତସମୂହ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ)ର ପ୍ରାବଧାନସମୂହ ଆଇନ୍, ୧୯୯୬ (୧୯୯୬ର ଆଇନ୍ ସଂଖ୍ୟା-୪୦)ର ଧାରା-୪ ଅଧୀନସ୍ଥ ଉପଧାରା (ବି)ରେ ସୂଚିତ ହୋଇଥିବା ମତେ ଗୋଟିଏ ଗ୍ରାମ; କିମ୍ବା

(୨)ଅନୁସୂଚୀତ ଅଞ୍ଚଳଗୁଡିକ ବ୍ୟତୀତ କୌଣସି ରାଜ୍ୟର ପଞ୍ଚାୟତ ସମ୍ପର୍କୀତ ଆଇନ୍‌ରେ ଗ୍ରାମ ରୂପେ ସୂଚିତ ହୋଇଥିବା କୌଣସି ଗୋଟିଏ ଅଞ୍ଚଳ; କିମ୍ବା

(୩)ଜଙ୍ଗଲ ଗ୍ରାମସମୂହ, ପୁରାତନ ବସତି ବା ଜନବସତିସମୂହ ଏବଂ ବିଜ୍ଞାପିତ ହୋଇ ବା ନ ହୋଇ ଥାଉ ଅ-ସର୍ବେକ୍ଷିତ ଗ୍ରାମସମୂହ; କିମ୍ବା

(୪)ପଞ୍ଚାୟତ ନ ଥିବା ରାଜ୍ୟଗୁଡ଼ିକ କ୍ଷେତ୍ରରେ ପାରମ୍ପରିକ ଗ୍ରାମ, ଯାହାକୁ ଯେ କୌଣସି ନାମରେ ଡକାଯାଉନା ନା କାହିଁକି;

(କ୍ୟୁ) **"ବନ୍ୟ ପ୍ରାଣୀ"**ର ଅର୍ଥ ବନ୍ୟଜୀବ (ସୁରକ୍ଷା) ଆଇନ୍, ୧୯୭୨ (୧୯୭୨ର ଆଇନ୍ ସଂଖ୍ୟା-୫୩)ର ଅନୁସୂଚୀ ୧ ରୁ ୪ ମଧ୍ୟରେ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ଜାତିର ପ୍ରାଣୀ, ଯାହା କି ପ୍ରକୃତିରେ ବନ୍ୟ ରୂପରେ ଦୃଷ୍ଟିଗୋଚର ହୋଇଥାଏ ।

## ଅଧ୍ୟାୟ-୨ : ଜଙ୍ଗଲ ଅଧିକାରସମୂହ

**୩. ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନଙ୍କର ଜଙ୍ଗଲ ଉପରେ ଅଧିକାରସମୂହ-**

(୧) ଏହି ଆଇନ୍‌ର ଉଦ୍ଦେଶ୍ୟାର୍ଥେ, ସମସ୍ତ ଜଙ୍ଗଲ ଜମି ଉପରେ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନଙ୍କର ନିମ୍ନଲିଖିତ ମତେ ସେହିସବୁ ଅଧିକାରକୁ ସେମାନଙ୍କର ଜଙ୍ଗଲର ଅଧିକାରସମୂହ ବୋଲି କୁହାଯିବ, ଯାହା ବଳରେ ଜଣେ ବ୍ୟକ୍ତିକୁ କିମ୍ବା ଗୋଟିଏ ଜନଗୋଷ୍ଠୀକୁ କିମ୍ବା ଉଭୟଙ୍କୁ ରୟତି ସ୍ୱତ୍ୱ ପ୍ରାପ୍ତ ହୋଇଥାଏ, ଯଥା:-

(ଏ) ଜଙ୍ଗଲବାସୀ ଅନୁସୂଚୀତ ଜନଜାତିର ଜଣେ ସଦସ୍ୟ ବା ସଦସ୍ୟଗଣ ଅଥବା ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନେ ବସବାସ ପାଇଁ ବା ନିଜର ଜୀବିକାର୍ଜନ ପାଇଁ ବ୍ୟକ୍ତିଗତ ବା ସାର୍ବଜନୀନ ଭୋଗଦଖଲ ଭିତ୍ତିରେ ଜଙ୍ଗଲ ଜମିରେ ସ୍ୱତ୍ୱ-ହାସଲ ଏବଂ ବସବାସ କରିବାର ଅଧିକାର;

(ବି) ପୂର୍ବତନ ଗଡଜାତ ରାଜ୍ୟସମୂହ, ଜମିଦାରୀ ପ୍ରଥା ବା ତଦୃଶ ମଧ୍ୟସ୍ୱତ୍ୱ ଶାସନ କାଳରେ ଯେ କୌଣସି ନାମରେ ପ୍ରଚଳିତ ଥିବା ନିସ୍ତାର ଭଳି ଗୋଠ ଅଧିକାର ସମୂହ;

(ସି) ଗ୍ରାମର ପରିସୀମା ଭିତରେ କିମ୍ବା ବାହାରେ ପାରମ୍ପରିକ ଭାବେ ସଂଗୃହୀତ ହୋଇ ଆସୁଥିବା ଲଘୁ ଜଙ୍ଗଲଜାତ ଉପଜ ଉପରେ ମାଲିକାନା, ଏବଂ ସେସବୁକୁ ସଂଗ୍ରହ, ବ୍ୟବହାର ଏବଂ ବିକ୍ରିବଟା କରିବା ପାଇଁ ଯାତାୟତର ଅଧିକାର;

(ଡି) ଅନ୍ୟାନ୍ୟ ଉପଯୋଗ ତଥା ପ୍ରାପ୍ୟସମୂହ ପାଇଁ ଜନଗୋଷ୍ଠୀଙ୍କ ଅଧିକାରସମୂହ, ଯଥା- ଜଳାଶୟଗୁଡିକରୁ ମାଛ ଏବଂ ଅନ୍ୟାନ୍ୟ ଉତ୍ପନ୍ନ ସାମଗ୍ରୀ, ପଶୁଚାରଣ (ଉଭୟ ଜନବସତି ଅଞ୍ଚଳରେ ତଥା ବାହାରେ), ଏବଂ ଯାଯାବର ବା ପଶୁପାଳକ ଜନଗୋଷ୍ଠୀମାନଙ୍କ ଦ୍ୱାରା ପାରମ୍ପରିକ ଋତୁକାଳୀନ ସମ୍ବଳ-ସଂଗ୍ରହ ପାଇଁ ଯାତାୟତର ଅଧିକାର;

(ଇ) ଆଦିମ ଜନଜାତି ଗୋଷ୍ଠୀସମୂହ ଓ ପ୍ରାକ୍-କୃଷି ଜନଗୋଷ୍ଠୀମାନଙ୍କ ପାଇଁ ସେମାନଙ୍କର ପ୍ରାକୃତିକ ବାସସ୍ଥଳୀ ଓ ବସତି ଉପରେ ଗୋଷ୍ଠୀଗତ ରୟତିସ୍ୱତ୍ୱ ସମେତ ସେମାନଙ୍କର ଅଧିକାରସମୂହ;

(ଏଫ୍) କୌଣସି ରାଜ୍ୟରେ ଯେ କୌଣସି କିସମର ଜମି ଉପରେ ଦାବୀକୁ ନେଇ ବିବାଦ ଉପୁଜିଥିଲେ, ସେହିସବୁ ବିବଦମାନ ଜମି ଉପରେ ଅଧିକାର;

(ଜି) ଯେ କୌଣସି ରାଜ୍ୟ ସରକାର ବା ସ୍ଥାନୀୟ ପ୍ରାଧିକର୍ତ୍ତାଙ୍କ ଦ୍ୱାରା ମଞ୍ଜୁରି ହୋଇଥିବା ଜଙ୍ଗଲ ଜମିର ପଟ୍ଟା, ଲିଜ୍ ବା ଅନୁଦାନକୁ ସ୍ୱତ୍ତ୍ୱାଧିକାରରେ ସଂପରିବର୍ତ୍ତନ କରିବାର ଅଧିକାରସମୂହ;

(ଏଚ୍) ରେକର୍ଡଭୁକ୍ତ କି ବିଜ୍ଞାପିତ ହୋଇଥାଉ ବା ନଥାଉ, ସମସ୍ତ ଜଙ୍ଗଲ ଗ୍ରାମ, ପୁରାତନ ବସତି, ଅଣ-ସର୍ବେକ୍ଷିତ ଗ୍ରାମ ଏବଂ ଜଙ୍ଗଲ ଭିତରେ ଥିବା ଅନ୍ୟ ସମସ୍ତ ଗ୍ରାମକୁ ରାଜସ୍ୱ ଗ୍ରାମ ରୂପେ ବନ୍ଦୋବସ୍ତ ଓ ସଂପରିବର୍ତ୍ତନ କରିବାର ଅଧିକାରସମୂହ ;

(ଆଇ) ଯେ କୌଣସି ଗୋଠ ଜଙ୍ଗଲ ସମ୍ପଦ, ଯାହାକୁ ସେମାନେ ସୁସ୍ଥାୟୀ ଉପଯୋଗ ପାଇଁ ପରମ୍ପରା କ୍ରମେ ସୁରକ୍ଷା ବା ସଂରକ୍ଷଣ କରି ଆସୁଛନ୍ତି, ତହିଁର ସୁରକ୍ଷା, ପୁନଃସୃଜନ ବା ସଂରକ୍ଷଣ ବା ପରିଚାଳନା କରିବାର ଅଧିକାର ;

(ଜେ) ସେହି ଅଧିକାରସମୂହ, ଯାହାକି କୌଣସି ଏକ ରାଜ୍ୟର ଆଇନ୍ ବା ସ୍ୱୟଂ-ଚାଳିତ ଜିଲ୍ଲା ପରିଷଦ କିମ୍ବା ସ୍ୱୟଂ-ଚାଳିତ ଆଞ୍ଚଳିକ ପରିଷଦର ଆଇନ୍ ବଳରେ ସ୍ୱୀକୃତି ଲାଭ କରିଛି ଅଥବା କୌଣସି ରାଜ୍ୟରେ ଥିବା ସଂପୃକ୍ତ ଜନଜାତିସମୂହଙ୍କ କୌଣସି ପାରମ୍ପରିକ ବା ପ୍ରଥାସିଦ୍ଧ ବିଧି ଅଧୀନରେ ସଂପୃକ୍ତ ଜନଜାତିମାନଙ୍କ ଅଧିକାରସମୂହ ରୂପେ ଗ୍ରହଣୀୟତା ଲାଭ କରିଛି;

(କେ) ଜୈବ ବିବିଧତାକୁ ଉପଯୋଗ କରିବାର ଅଧିକାର ଏବଂ ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କୀତ ବୌଦ୍ଧିକ ସମ୍ପତ୍ତି ଏବଂ ପାରମ୍ପରିକ ଜ୍ଞାନସମ୍ଭାର ଉପରେ ଜନଗୋଷ୍ଠୀର ଅଧିକାର;

(ଏଲ୍) କୌଣସି ଜାତିର ବନ୍ୟଜନ୍ତୁକୁ ଶୀକାର କରିବା, ଫାଶବନ୍ଧ କରିବା କିମ୍ବା କୌଣସି ଜାତିର ବନ୍ୟଜନ୍ତୁର ଦେହରୁ କୌଣସି ଅଂଶକୁ ବିଚ୍ଛିନ୍ନ କରିବା ଭଳି ପାରମ୍ପରିକ ଅଧିକାରକୁ ବାଦ୍ ଦେଇ ଅନ୍ୟସବୁ ପାରମ୍ପରିକ ଅଧିକାର, ଯାହାକୁ ଯଥାସ୍ଥିତି ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନେ ସେମାନଙ୍କର ପ୍ରଥା ବଳରେ ଭୋଗ କରିଆସୁଛନ୍ତି, ଅଥଚ ଯାହା କି ଅଣ-ଉପଧାରା (ଏ) ରୁ (କେ) ମଧ୍ୟରେ ସୂଚୀତ ହୋଇ ପାରିନାହିଁ;

(ଏମ୍) ଯେଉଁସ୍ଥଳେ ୧୩ ଡିସେମ୍ବର, ୨୦୦୫ ପୂର୍ବରୁ କୌଣସି ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନେ କୌଣସି ନା କୌଣସି କିସମର ଜଙ୍ଗଲ ଜମିରୁ ବେଆଇନ୍ ଭାବେ ଉଚ୍ଛେଦ କିମ୍ବା ବିସ୍ଥାପିତ ହୋଇଛନ୍ତି ଅଥଚ ଥଇଥାନ ବାବଦକୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ

ପାଇନାହାନ୍ତି, ସେପରି ସ୍ଥଳେ ସେମାନେ ବିକଳ୍ପ ଜମି ସମେତ ମୂଳ ସ୍ଥାନରେ ପୁନର୍ବାସ ସୁବିଧା ପାଇବାର ଅଧିକାର ।

(୨) ଜଙ୍ଗଲ (ସଂରକ୍ଷଣ) ଆଇନ୍, ୧୯୮୦(୧୯୮୦ର ଆଇନ୍ ସଂଖ୍ୟା ୬୯)ରେ ଯାହା କିଛି ପ୍ରାବ୍‌ଧାନିତ ହୋଇଥାଉନା କାହିଁକି, ପ୍ରତି ହେକ୍ଟର ପିଛା ୭୫ରୁ ଅଧିକ ଗଛକଟା ଆବଶ୍ୟକ କରୁନଥିବା ସେହିସବୁ ସରକାର-ପରିଚାଳିତ ସୁବିଧାଗୁଡିକର ବ୍ୟବସ୍ଥାପନା ପାଇଁ କେନ୍ଦ୍ର ସରକାର ଜଙ୍ଗଲ ଜମିକୁ ଉଦ୍ଦେଶ୍ୟାନ୍ତର ବିନିଯୋଗ କରିବାର ପ୍ରାବ୍‌ଧାନ କରିବେ, ଯାହାକି ନିମ୍ନରେ ସୂଚୀତ ହେଉଛି, ଯଥା:-

(ଏ) ବିଦ୍ୟାଳୟସମୂହ;
(ବି) ସ୍ୱାସ୍ଥ୍ୟକେନ୍ଦ୍ର ବା ଡାକ୍ତରଖାନା;
(ସି) ଅଙ୍ଗନବାଡ଼ି;
(ଡି) ସୁଲଭମୂଲ୍ୟ ଦୋକାନ;
(ଇ) ବିଜୁଳି ଓ ଦୂରସଂଚାର ଲାଇନ୍;
(ଏଫ୍) ପୋଖରୀ ଓ ଅନ୍ୟ କ୍ଷୁଦ୍ର ଜଳାଶୟସମୂହ;
(ଜି) ପାନୀୟ ଜଳ ଯୋଗାଣ ଓ ପାଣି ପାଇପ୍ ସଂଯୋଗ;
(ଏଚ୍) ଜଳ ଅମଳ କିମ୍ବା ବର୍ଷାଜଳ ଅମଳ ପ୍ରକଳ୍ପ;
(ଆଇ) କ୍ଷୁଦ୍ର ଜଳସେଚନ କେନାଲ;
(ଜେ) ଅଣ ପାରମ୍ପରିକ ଶକ୍ତିର ଉତ୍ସ;
(କେ) କର୍ମଦକ୍ଷତାର ଉନ୍ନତି ବା ଧନ୍ଦାମୂଳକ ତାଲିମ କେନ୍ଦ୍ରସମୂହ;
(ଏଲ୍) ସଡକସମୂହ ; ଏବଂ
(ଏମ୍) ଜନଗୋଷ୍ଠୀ କେନ୍ଦ୍ରସମୂହ :

ପରନ୍ତୁ, ଜଙ୍ଗଲ ଜମିକୁ ଉପରୋକ୍ତ ଉଦ୍ଦେଶ୍ୟାନ୍ତର ବିନିଯୋଗ ପାଇଁ ଅନୁମତି ଦିଆଯିବ, ଯଦି କେବଳ, -

(୧) ଏହି ଉପଧାରାରେ ସୂଚିତ ହୋଇଥିବା ଉଦ୍ଦେଶ୍ୟଗୁଡିକର ପୂରଣ ପାଇଁ ଉଦ୍ଦେଶ୍ୟାନ୍ତର ବିନିଯୋଗ ହେବାକୁ ଥିବା ଜଙ୍ଗଲ ଜମି ପ୍ରତି କ୍ଷେତ୍ରରେ ଏକ ହେକ୍ଟରରୁ କମ୍ ହେଉଥିବ; ଏବଂ

(୨) ଗ୍ରାମସଭା ଠାରୁ ସୁପାରିଶ୍ ଲାଭ କରିବା ଉପରେ ହିଁ ଏହି ଉନ୍ନୟନମୂଳକ ପ୍ରକଳ୍ପଗୁଡିକୁ ମଞ୍ଜୁରି ପ୍ରଦାନ ନିର୍ଭର କରିବ ।

## ଅଧ୍ୟାୟ-୩ :

## ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି-ପ୍ରଦାନ, ପ୍ରତ୍ୟର୍ପଣ ଓ ନ୍ୟସ୍ତୀକରଣ ଏବଂ ସଂପୃକ୍ତ ବିଷୟମାନ

### ୪. ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନଙ୍କ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି-ପ୍ରଦାନ ଏବଂ ନ୍ୟସ୍ତୀକରଣ-

(୧) ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ପ୍ରାବ୍‌ଧାନ ଥାଉନା କାହିଁକି, ଏହି ଆଇନ୍‌ର ପ୍ରାବ୍‌ଧାନସମୂହ ଅଧୀନରେ ରହି କେନ୍ଦ୍ର ସରକାର ଏତଦ୍ୱାରା ନିମ୍ନୋକ୍ତଙ୍କୁ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ପ୍ରଦାନ ଓ ନ୍ୟସ୍ତୀକରଣ କରୁଛନ୍ତି –

(ଏ) ଧାରା-୩ରେ ସୂଚୀତ ହୋଇଥିବା ସମସ୍ତ ଜଙ୍ଗଲ ଅଧିକାରସମୂହ ପରିପ୍ରେକ୍ଷୀରେ ରାଜ୍ୟମାନଙ୍କରେ କିମ୍ବା ରାଜ୍ୟମାନଙ୍କର ସେହିସବୁ ଅଞ୍ଚଳରେ ଥିବା ଜଙ୍ଗଲବାସୀ ଅନୁସୂଚୀତ ଜନଜାତିମାନଙ୍କୁ, ଯେଉଁଠାରେ ସେମାନଙ୍କୁ ଅନୁସୂଚୀତ ଜନଜାତି ଭାବେ ଘୋଷଣା କରାଯାଇଛି;

(ବି) ଧାରା-୩ରେ ସୂଚୀତ ହୋଇଥିବା ସମସ୍ତ ଜଙ୍ଗଲ ଅଧିକାରସମୂହ ପରିପ୍ରେକ୍ଷୀରେ ଅନ୍ୟାନ୍ୟ ପାରିମ୍ପରିକ ଜଙ୍ଗଲବାସୀମାନଙ୍କୁ ।

(୨) ଏହି ଆଇନ୍ ଅଧୀନରେ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟସମୂହରେ ଅବସ୍ଥିତ ସଂଗୀନ ବନ୍ୟଜୀବ ବିଚରଣ ସ୍ଥଳଗୁଡିକରେ ଯେଉଁ ଜଙ୍ଗଲ ଅଧିକାରଗୁଡିକୁ ସ୍ୱୀକୃତି ଦିଆଯାଉଛି, ସେଗୁଡିକ ପରବର୍ତ୍ତୀ ସମୟରେ ସଂଶୋଧିତ ବା ପୁନଃ-ବନ୍ଦୋବସ୍ତ ହୋଇପାରେ, ପରନ୍ତୁ, ନିମ୍ନୋକ୍ତ ସର୍ତ୍ତସବୁ ପୂରଣ ହେଉନଥିଲେ ଜଙ୍ଗଲ ଅଧିକାରସମୂହ ହାସଲ କରିଥିବା କୌଣସି ବ୍ୟକ୍ତିଙ୍କୁ ବନ୍ୟଜୀବ ସଂରକ୍ଷଣ ପାଇଁ ଅକ୍ଷତ ଅଞ୍ଚଳମାନ ସ୍ଥାପନା ଉଦ୍ଦେଶ୍ୟରେ ସ୍ଥାନାନ୍ତର କରାଯିବ ନାହିଁ କିମ୍ବା ସେମାନଙ୍କର ଅଧିକାରମାନ କୌଣସି ପ୍ରକାରରେ କ୍ଷତିଗ୍ରସ୍ତ ହେବ ନାହିଁ, ଯଥା:-

(ଏ) ବିଚାରାଧିନ ଥିବା ସମସ୍ତ ଅଞ୍ଚଳଗୁଡ଼ିକରେ ଧାରା-୬ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ଅଧିକାରଗୁଡ଼ିକୁ ସ୍ୱୀକୃତି-ପ୍ରଦାନ ଓ ନ୍ୟସ୍ତୀକରଣର ପ୍ରକ୍ରିୟା ଚୂଡ଼ାନ୍ତ ହୋଇସାରିଛି;

(ବି) ବନ୍ୟଜୀବ (ସୁରକ୍ଷା) ଆଇନ୍, ୧୯୭୨ (୧୯୭୨ର ଆଇନ୍ ସଂଖ୍ୟା ୫୩) ଅଧୀନସ୍ଥ କ୍ଷମତାବଳୀର ପ୍ରୟୋଗାର୍ଥେ ରାଜ୍ୟ ସରକାରଙ୍କର ସଂପୃକ୍ତ ସଂସ୍ଥାମାନଙ୍କ ଦ୍ୱାରା ଏକଥା ପ୍ରତିପାଦିତ ହୋଇସାରିଛି ଯେ, ବନ୍ୟଜନ୍ତୁମାନଙ୍କ ଉପରେ ଅଧିକାର-ସମ୍ପନ୍ନ ବ୍ୟକ୍ତିମାନଙ୍କର କାରବାର ଏବଂ ଉପସ୍ଥିତିର ପ୍ରଭାବ ଉକ୍ତ ଜାତିର ପ୍ରାଣୀସମୂହ ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀର

ଅପୂରଣୀୟ କ୍ଷତିସାଧନ ତଥା ସେମାନଙ୍କ ସ୍ଥିତିକୁ ବିପନ୍ନ କରିବା ପାଇଁ ଯଥେଷ୍ଟ ହେବ;

(ସି) ରାଜ୍ୟ ସରକାର ଏହି ନିର୍ଣ୍ଣୟରେ ଉପନୀତ ହୋଇସାରିଛନ୍ତି ଯେ, ସହାବସ୍ଥାନ ଭଳି ଅନ୍ୟାନ୍ୟ ଯଥୋଚିତ ବିକଳ୍ପଗୁଡ଼ିକ ଉପଲବ୍ଧ ନୁହେଁ;

(ଡି) କ୍ଷତିଗ୍ରସ୍ତ ବ୍ୟକ୍ତିଗଣ ଏବଂ ଜନଗୋଷ୍ଠୀସମୂହଙ୍କ ପାଇଁ ଏକ ସୁରକ୍ଷିତ ଜୀବିକାର ବ୍ୟବସ୍ଥା କରିପାରୁଥିବା ତଥା କେନ୍ଦ୍ର ସରକାରଙ୍କ ପ୍ରାସଙ୍ଗିକ ଆଇନ୍‌ସମୂହ ଓ ନୀତିରେ ସୂଚୀତ ହୋଇଥିବା ମତେ ଉକ୍ତ କ୍ଷତିଗ୍ରସ୍ତ ବ୍ୟକ୍ତିଗଣ ଏବଂ ଜନଗୋଷ୍ଠୀସମୂହଙ୍କ ଆବଶ୍ୟକତାଗୁଡ଼ିକର ପରିପୂରଣ କରି ପାରୁଥିବା ଏକ ପୁନର୍ବାସ ବା ବିକଳ୍ପବ୍ୟବସ୍ଥା (ପ୍ୟାକେଜ୍) ପ୍ରସ୍ତୁତ ଏବଂ ପ୍ରସାରିତ ହୋଇସାରିଛି ;

(ଇ) ପ୍ରସ୍ତାବିତ ପୁନର୍ବାସ ଓ ବିକଳ୍ପ ବ୍ୟବସ୍ଥା ପ୍ରତି ସଂପୃକ୍ତ ଅଞ୍ଚଳଗୁଡିକରେ ଥିବା ଗ୍ରାମସଭାମାନଙ୍କର ଅବାଧ ତଥା ସଜ୍ଞାନ ସମ୍ମତି ଲିପିବଦ୍ଧ ଭାବେ ମିଳିସାରିଛି;

(ଏଫ୍) ପ୍ରତିଶ୍ରୁତ ବ୍ୟବସ୍ଥା ଅନୁଯାୟୀ ପୁନର୍ବାସ ସ୍ଥଳରେ ସୁବିଧାସମୂହ ଏବଂ ଜମି ଆବଣ୍ଟନର କାର୍ଯ୍ୟ ସଂପୂର୍ଣ୍ଣ ନହେବା ଯାଏଁ ପୁନର୍ବାସ କରାଯିବ ନାହିଁ :

ପରନ୍ତୁ, ବନ୍ୟଜୀବ ସଂରକ୍ଷଣ ଉଦ୍ଦେଶ୍ୟରେ ଯେଉଁସବୁ ସଙ୍ଗୀନ ବନ୍ୟଜୀବ ବିଚରଣସ୍ଥଳୀରୁ ଅଧିକାର-ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଏଭଳି ସ୍ଥାନାନ୍ତର କରାଯାଇଥାଏ, ସେଗୁଡିକୁ ପରବର୍ତ୍ତୀ କାଳରେ ରାଜ୍ୟ ସରକାର, କେନ୍ଦ୍ର ସରକାର ବା ଅନ୍ୟ କେହି କର୍ତ୍ତୃପକ୍ଷ ଅନ୍ୟ କୌଣସି ବ୍ୟବହାର ପାଇଁ ଉଦ୍ଦେଶ୍ୟାନ୍ତର ବିନଯୋଗ କରିପାରିବେନି ।

(୩) ଏହି ଆଇନ୍ ଅଧୀନରେ କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କୁ ଜଙ୍ଗଲ ଜମି ବା ସେମାନଙ୍କର ଆବାସସ୍ଥଳୀ ବାବଦରେ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି-ପ୍ରଦାନ ଓ ନ୍ୟସ୍ତୀକରଣ ଏହି ସର୍ତ୍ତ ଉପରେ ନିର୍ଭର କରିବ ଯେ, ସେହି ଅନୁସୂଚୀତ ଜନଜାତିସମୂହ ବା ଜନଜାତି ଜନଗୋଷ୍ଠୀସମୂହ ବା ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନେ ୧୩ ଡିସେମ୍ବର, ୨୦୦୫ ପୂର୍ବରୁ ଜଙ୍ଗଲ ଜମିକୁ ଭୋଗଦଖଲ କରିଥିଲେ ।

(୪) ଉପଧାରା(୧) ବଳରେ ନ୍ୟସ୍ତ ହୋଇଥିବା ଏକ ଅଧିକାର ଉତ୍ତରାଧିକାର ସୂତ୍ରରେ ଭୋଗ କରାଯାଇପାରିବ, କିନ୍ତୁ ବିଚ୍ଛିନ୍ନ କିମ୍ବା ବିକ୍ରୀ ଜରିଆରେ ହସ୍ତାନ୍ତରିତ ହୋଇପାରିବ ନାହିଁ ଏବଂ ସଂପୃକ୍ତ ବ୍ୟକ୍ତିମାନେ ବିବାହିତ ହୋଇଥିଲେ ତାହା ଉଭୟ ପତି ଓ ପତ୍ନୀଙ୍କ ଯୁଗ୍ମ ନାମରେ, ଏବଂ ଯଦି ପରିବାରର ମୁଖ୍ୟ ଅବିବାହିତ ହୋଇଥାନ୍ତି,

ସେ କ୍ଷେତ୍ରରେ ଏକାକୀ ତାଙ୍କ ନାମରେ ପଞ୍ଜିକୃତ ହେବ, ଏବଂ ଜଣଙ୍କର କେହି ପ୍ରତ୍ୟକ୍ଷ ଉତ୍ତରାଧିକାରୀ ନଥିଲେ, ସଂପୃକ୍ତ ଉତ୍ତରାଧିକାର ତାଙ୍କର ପରବର୍ତ୍ତୀ ଆତ୍ମୀୟଙ୍କୁ ହସ୍ତାନ୍ତର ହେବ ।

(୫) ଅନ୍ୟଥା ସ୍ଥାନିତ ହୋଇଥିବା ପ୍ରାବ୍ଧାନ ବ୍ୟତିରକେ, ସ୍ୱୀକୃତି-ପ୍ରଦାନ ଓ ଯାଞ୍ଚ ପ୍ରକ୍ରିୟା ସଂପୂର୍ଣ୍ଣ ନହେଲା ଯାଏଁ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିର ଜଣେ ସଦସ୍ୟଙ୍କୁ ବା ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ତାଙ୍କ ଭୋଗଦଖଲରେ ଥିବା ଜଙ୍ଗଲ ଜମିରୁ ଉଚ୍ଛେଦ କିମ୍ବା ବେଦଖଲ କରାଯାଇ ପାରିବ ନାହିଁ ।

(୬) ଯେଉଁ ସ୍ଥଳେ ଆଇନ୍‌ର ଧାରା-୩ ଅଧୀନସ୍ଥ ଉପଧାରା(୧)ର ଅଣ-ଉପଧାରା (ଏ)ରେ ସୂଚୀତ ହୋଇଥିବା ଜମି କ୍ଷେତ୍ରରେ ଜଙ୍ଗଲ ଅଧିକାରମାନ ସ୍ୱୀକୃତି-ପ୍ରାପ୍ତ ଓ ନ୍ୟସ୍ତୀକରଣ ହୋଇଛି, ସେପରି ସ୍ଥଳେ ଏହି ଆଇନ୍‌ର ପ୍ରାରମ୍ଭ ତାରିଖ ଦିନ ସେହି ଜମି ଜଣେ ବ୍ୟକ୍ତି ବା ପରିବାର ବା ଜନଗୋଷ୍ଠୀର ଭୋଗଦଖଲ ଅଧୀନରେ ରହିଥିବ ଏବଂ ସେହି ଜମି ଭୋଗଦଖଲରେ ଥିବା ଜମିର ପ୍ରକୃତ କ୍ଷେତ୍ରଫଳ ଭିତରେ ସୀମିତ ରହିବ ଏବଂ କୌଣସି ପରିସ୍ଥିତିରେ ତହିଁର କ୍ଷେତ୍ରଫଳ ୪ ହେକ୍ଟର୍‌ରୁ ଅଧିକ ହୋଇ ପାରିବ ନାହିଁ ।

(୭) କେବଳ ଏହି ଆଇନ୍ ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବା ବିଷୟଗୁଡିକୁ ବାଦ୍ ଦେଇ, ଜଙ୍ଗଲ ସଂରକ୍ଷଣ ଆଇନ୍, ୧୯୮୦ (୧୯୮୦ର ଆଇନ୍ ସଂଖ୍ୟା ୬୯) ଅଧୀନରେ ମଞ୍ଜୁରି ପ୍ରଦାନ, ଚଳନ୍ତି ନିଟ୍ ମୂଲ୍ୟ ପଇଠର ଆବଶ୍ୟକତା ଏବଂ ଜଙ୍ଗଲ ଜମିକୁ ଉଦ୍ଦେଶ୍ୟାନ୍ତର ବିନିଯୋଗ ପାଇଁ ଆବଶ୍ୟକ ପଡୁଥିବା କ୍ଷତିପୂରକ ବନୀକରଣ ସମେତ ସମସ୍ତ ପ୍ରକାର ଜଞ୍ଜାଳ ଓ କାର୍ଯ୍ୟବିଧିଗତ ବାଧ୍ୟକତାରୁ ମୁକ୍ତ ଥିବା ଅବସ୍ଥାରେ ଜଙ୍ଗଲ ଅଧିକାରସମୂହକୁ ନ୍ୟସ୍ତ କରାଯିବ ।

(୮) ଯେଉଁସ୍ଥଳେ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନେ ସରକାରୀ ଉନ୍ନୟନ କାର୍ଯ୍ୟକ୍ରମଗୁଡିକ ଯୋଗୁଁ ଜମି କ୍ଷତିପୂରଣ ନପାଇ ନିଜ ଭିଟାମାଟି ଓ ଚାଷକାର୍ଯ୍ୟରୁ ବିସ୍ଥାପିତ ହୋଇଥିଲେ ବୋଲି ପ୍ରତିପାଦନ କରିପାରିବେ ଏବଂ ଯେଉଁସ୍ଥଳେ ସେମାନଙ୍କ ଠାରୁ ଜମି ଅଧିଗ୍ରହଣ ହୋଇଥିବାର ୫ ବର୍ଷ ମଧ୍ୟରେ ସେହି ଜମି ଉଦ୍ଦିଷ୍ଟ କାରଣ ପାଇଁ ବ୍ୟବହୃତ ହୋଇ ପାରିନାହିଁ, ସେପରି ସ୍ଥଳେ ଜମି ଉପରେ ସେମାନଙ୍କର ଅଧିକାର ଏହି ଆଇନ୍ ଅଧୀନରେ ସ୍ୱୀକୃତି-ପ୍ରାପ୍ତ ଓ ନ୍ୟସ୍ତୀକୃତ ହେଉଥିବା ଜଙ୍ଗଲ ଅଧିକାରସମୂହ ଭିତରେ ଅନ୍ତର୍ଭୁକ୍ତ ହେବ ।

**୫. ଜଙ୍ଗଲ ଅଧିକାର ହାସଲ କରିଥିବା ବ୍ୟକ୍ତିମାନଙ୍କର ଦାୟିତ୍ୱସମୂହ-**

ଜଙ୍ଗଲ ଅଧିକାର ହାସଲ କରିଥିବା କୌଣସି ବ୍ୟକ୍ତି, ଏବଂ ସେହିସବୁ ଅଞ୍ଚଳର ଗ୍ରାମସଭା ଏବଂ ଗ୍ରାମସ୍ତରୀୟ ଅନୁଷ୍ଠାନ, ଯେ କି ଏହି ଆଇନ୍ ଅଧୀନରେ କୋଣସି ନା କୌଣସି ଜଙ୍ଗଲ ଅଧିକାର ହାସଲ କରିଛନ୍ତି, ନିମ୍ନମତେ କ୍ଷମତା ସମ୍ପନ୍ନ ହେବେ-

(ଏ) ବନ୍ୟଜୀବ, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା କରିବା;

(ବି) ସଂଲଗ୍ନ ଥିବା ଜଳଅମଳ ଅଞ୍ଚଳସମୂହ, ଜଳ ଉତ୍ସସମୂହ ଏବଂ ପରିବେଶ ଦୃଷ୍ଟିରୁ ଅନ୍ୟାନ୍ୟ ସନ୍ତୁଳନ-ସୂକ୍ଷ୍ମ ଅଞ୍ଚଳଗୁଡ଼ିକର ପର୍ଯ୍ୟାପ୍ତ ସୁରକ୍ଷାକୁ ସୁନିଶ୍ଚିତ କରିବା;

(ସି) ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ କ୍ଷୁର୍ଣ୍ଣ କଲାଭଳି ଯେ କୌଣସି ଧରଣର ବିପଜ୍ଜନକ କାର୍ଯ୍ୟକଳାପ କବଳରୁ ସେମାନଙ୍କର ପ୍ରାକୃତିକ ବାସସ୍ଥଳୀ ଯେପରି ସୁରକ୍ଷିତ ରହେ, ତାହା ସୁନିଶ୍ଚିତ କରିବା;

(ଡି) ଜନଗୋଷ୍ଠୀ ଜଙ୍ଗଲ ସମ୍ପଦସମୂହର କାରବାରକୁ ନିୟନ୍ତ୍ରଣ ତଥା ବନ୍ୟପ୍ରାଣୀ, ଜଙ୍ଗଲ ଓ ଜୈବ ବିବିଧତା ଉପରେ ହାନିକାରୀ ପ୍ରଭାବ ପକାଉଥିବା ଯେ କୌଣସି କାର୍ଯ୍ୟକ୍ରମକୁ ରୋକିବା ପାଇଁ ଗ୍ରାମସଭାରେ ଗୃହୀତ ହେଉଥିବା ନିଷ୍ପତ୍ତିଗୁଡିକର ଅନୁପାଳନକୁ ସୁନିଶ୍ଚିତ କରିବା ।

## ଅଧ୍ୟାୟ-୪: ଜଙ୍ଗଲ ଅଧିକାରସମୂହର ନ୍ୟସ୍ତୀକରଣ ପାଇଁ ପ୍ରାଧିକର୍ତ୍ତାବୃନ୍ଦ ଓ କାର୍ଯ୍ୟବିଧି

**୬. ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀମାନଙ୍କୁ ଜଙ୍ଗଲ ଅଧିକାରସମୂହର ନ୍ୟସ୍ତୀକରଣ ପାଇଁ ଉଦ୍ଦିଷ୍ଟ ପ୍ରାଧିକର୍ତ୍ତାବୃନ୍ଦ ଓ ତହିଁର କାର୍ଯ୍ୟବିଧି-**

(୧) ସଂପୃକ୍ତ ଅଧିକାରଗୁଡିକର ପ୍ରୟୋଗାର୍ଥେ ବିହିତ ହେବାକୁ ଥିବା ପଦ୍ଧତି ଅନୁସାରେ ପ୍ରାପ୍ୟ-ଆବେଦନଗୁଡିକୁ ଗ୍ରହଣ, ସଂକଳନ ଏବଂ ଯାଞ୍ଚ କରିବା ତଥା ପ୍ରତି ଅନୁମୋଦିତ ପ୍ରାପ୍ୟ ପାଇଁ ଉଦ୍ଦିଷ୍ଟ ଇଲାକାର ପରିସୀମା ଚିହ୍ନଟ କରୁଥିବା ମାନଚିତ୍ର ପ୍ରସ୍ତୁତ କରିବା ଜରିଆରେ ଏହି ଆଇନ୍ ଅଧୀନରେ ନିଜ କ୍ଷେତ୍ରାଧିକାରର ସ୍ଥାନୀୟ ସୀମାଭିତରେ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିସମୂହ ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ ବ୍ୟକ୍ତିଗତ, ସମୂହ ବା ଉଭୟ ପ୍ରକାର ଜଙ୍ଗଲ ଅଧିକାରର କିସମ ଏବଂ ପରିମାଣର ନିର୍ଦ୍ଧାରଣ ପ୍ରକ୍ରିୟାର ସୂତ୍ରପାତ କରିବା ଲାଗି ଗ୍ରାମସଭା ହିଁ ହେଉଛି ପ୍ରାଧିକର୍ତ୍ତା ଏବଂ ତତ୍‌ପରେ ଗ୍ରାମସଭା ଏହି ମର୍ମରେ ଏକ ପ୍ରସ୍ତାବ ଗ୍ରହଣ କରିବେ ଏବଂ ଏହାପରେ ତା'ର ଏକ ନକଲକୁ ଉପଖଣ୍ଡ-ସ୍ତରୀୟ (ସବ୍‌ଡିଭିଜନାଲ୍) କମିଟିକୁ ଅଭିପ୍ରେରଣ କରିବ ।

(୨) ଗ୍ରାମସଭାର ପ୍ରସ୍ତାବ ଫଳରେ କେହି ବ୍ୟକ୍ତି ବ୍ୟଥିତ ଅନୁଭବ କଲେ, ସେ ଚାହିଁବା ମତେ ଉପଧାରା(୩) ଅଧୀନରେ ଗଠିତ ହୋଇଥିବା ଉପଖଣ୍ଡସ୍ତରୀୟ କମିଟିଙ୍କ ନିକଟରେ ଏକ ପ୍ରତିବେଦନ ଦାଖଲ କରିପାରନ୍ତି ଏବଂ ଉପଖଣ୍ଡସ୍ତରୀୟ କମିଟି ଏଭଳି ପ୍ରତିବେଦନଗୁଡ଼ିକର ବିଚାର ଏବଂ ଫଇସଲା କରିବେ:

ପରନ୍ତୁ, ଏଭଳି ପ୍ରତ୍ୟେକ ପ୍ରତିବେଦନ ଗ୍ରାମସଭାର ପ୍ରସ୍ତାବ ଗୃହୀତ ହେବାର ୬୦ ଦିନ ମଧ୍ୟରେ ଦାଖଲ ହୋଇଥିବ;

ପୁଣି ପରନ୍ତୁ, କୌଣସି ବ୍ୟଥିତ ବ୍ୟକ୍ତିଙ୍କୁ ନିଜ ବକ୍ତବ୍ୟର ଉପସ୍ଥାପନା ପାଇଁ ଯଥୋଚିତ ସୁଯୋଗ ନଦେଇ ଏପରି କୌଣସି ପ୍ରତିବେଦନକୁ ତାଙ୍କ ବିରୁଦ୍ଧରେ ଗଲାଭଳି ଫଇସଲା କରାଯିବ ନାହିଁ ।

(୩) ରାଜ୍ୟ ସରକାର ଏକ ଉପଖଣ୍ଡସ୍ତରୀୟ କମିଟି ଗଠନ କରିବେ, ଯେ କି ଗ୍ରାମସଭା ଦ୍ୱାରା ଗୃହୀତ ପ୍ରସ୍ତାବକୁ ପରଖିବେ, ଜଙ୍ଗଲ ଅଧିକାରଗୁଡ଼ିକର ରେକର୍ଡ (ନଥି) ପ୍ରସ୍ତୁତ କରିବେ ତଥା ଉପଖଣ୍ଡୀୟ ଅଧିକାରୀଙ୍କ ମାଧମରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟିଙ୍କ ନିକଟକୁ ଅଭିପ୍ରେରଣ କରିବେ ।

୬(୪) ଉପଖଣ୍ଡସ୍ତରୀୟ କମିଟିଙ୍କର ନିଷ୍ପତ୍ତି ଫଳରେ ବ୍ୟଥିତ ହୋଇଥିବା ଯେ କୌଣସି ବ୍ୟକ୍ତି ଚାହିଁଲେ ଉପଖଣ୍ଡସ୍ତରୀୟ କମିଟିଙ୍କ ନିଷ୍ପତ୍ତି ତାରିଖର ଷାଠିଏ ଦିନ ମଧ୍ୟରେ ଜିଲ୍ଲାସ୍ତରୀୟ କମିଟିଙ୍କ ନିକଟରେ ନିଜର ଏକ ପ୍ରତିବେଦନ ଦାଖଲ କରିପାରନ୍ତି ଏବଂ ଜିଲ୍ଲାସ୍ତରୀୟ କମିଟି ଏଭଳି ପ୍ରତିବେଦନର ବିଚାର ଏବଂ ଫଇସଲା କରିବେ:

ପରନ୍ତୁ, ଗ୍ରାମସଭାର ପ୍ରସ୍ତାବ ବିରୁଦ୍ଧରେ କୌଣସି ପ୍ରତିବେଦନ କେହି ଚାହିଁବା ମତେ ସିଧାସଳଖ ଜିଲ୍ଲାସ୍ତରୀୟ କମିଟିଙ୍କ ନିକଟରେ ଦାଖଲ ହୋଇପାରିବ ନାହିଁ, ଯଦି ତାହା ଏଥି ପୂର୍ବରୁ ଉପଖଣ୍ଡସ୍ତରୀୟ କମିଟିଙ୍କ ନିକଟରେ ଦାଖଲ ଏବଂ ବିଚାର ନ ହୋଇଛି ।

ପୁଣି ପରନ୍ତୁ, କୌଣସି ବ୍ୟଥିତ ବ୍ୟକ୍ତିଙ୍କୁ ନିଜ ବକ୍ତବ୍ୟର ଉପସ୍ଥାପନା ପାଇଁ ଯଥୋଚିତ ସୁଯୋଗ ନଦେଇ ଏଭଳି କୌଣସି ପ୍ରତିବେଦନକୁ ତାଙ୍କ ବିରୁଦ୍ଧରେ ଗଲାଭଳି ଫଇସଲା କରାଯିବ ନାହିଁ ।

(୫) ଉପଖଣ୍ଡସ୍ତରୀୟ କମିଟିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଜଙ୍ଗଲ ଅଧିକାରସମୂହର ରେକର୍ଡଗୁଡ଼ିକୁ ବିଚାର ଓ ଚୂଡ଼ାନ୍ତ ଅନୁମୋଦନ ପାଇଁ ରାଜ୍ୟ ସରକାର ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରିବେ ।

୬(୬) ଜଙ୍ଗଲ ଅଧିକାରସମୂହର ରେକର୍ଡ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ କମିଟିଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଓ ଅବଶ୍ୟ-ପାଳନୀୟ ହେବ ।

୬(୭) ରାଜ୍ୟ ସରକାର ଏକ ରାଜ୍ୟସ୍ତରୀୟ ତଦାରଖ କମିଟି ଗଠନ କରିବେ, ଯେ କି ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ ଓ ନ୍ୟସ୍ତୀକରଣର ପ୍ରକ୍ରିୟାକୁ ତଦାରଖ କରିବେ ତଥା ସେଭଳି ରିଟର୍ଣ୍ଣ (ନିୟମିତ ତଥ୍ୟାବଳୀ) ଓ ବିବରଣୀମାନ ସଂଯୋଜକ ସଂସ୍ଥାଙ୍କ ନିକଟରେ ଦାଖଲ କରିବେ, ଯାହା କି ସେହି ସଂସ୍ଥା ଚାହିଁ ପାରନ୍ତି ।

(୮) ରାଜ୍ୟ ସରକାରଙ୍କ ରାଜସ୍ୱ, ଜଙ୍ଗଲ ଓ ଜନଜାତି ବ୍ୟାପାର ବିଭାଗର ଅଧିକାରୀବୃନ୍ଦ ତଥା ସମୁଚିତ ସ୍ତରର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ତିନି ଜଣ ପ୍ରତିନିଧି, ଯେଉଁମାନେ କି ଯଥାକ୍ରମେ ଉକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ନିଯୁକ୍ତ ହୋଇଥିବେ, ଏବଂ ଯେଉଁମାନଙ୍କ ଭିତରେ ଅନୁସୂଚୀତ ଜନଜାତିମାନଙ୍କ ମଧ୍ୟରୁ ଦୁଇଜଣ ସଦସ୍ୟ ଓ ଅନ୍ତତଃ ଜଣେ ମହିଳା ଥିବେ- ସେମାନଙ୍କୁ ନେଇ ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ଓ ରାଜ୍ୟସ୍ତରୀୟ ତଦାରଖ କମିଟି ବିହିତ ହେବାମତେ ଗଠିତ ହେବ ।

(୯) ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ଏବଂ ରାଜ୍ୟସ୍ତରୀୟ ତଦାରଖ କମିଟିର ଗଠନ ଏବଂ କାର୍ଯ୍ୟାବଳୀ ତଥା ସେହିସବୁ କାର୍ଯ୍ୟାବଳୀର ସଂପାଦନାର୍ଥେ ସେମାନଙ୍କ ଦ୍ୱାରା ଅନୁସୃତ ହେବାକୁ ଥିବା କାର୍ଯ୍ୟପଦ୍ଧତି ତାହା ହିଁ ହେବ, ଯାହା କି ବିହିତ ହୋଇପାରେ ।

## ଅଧ୍ୟାୟ-୫: ଅପରାଧସମୂହ ଓ ଦଣ୍ଡସମୂହ

**୭. ଏହି ଆଇନ୍ ଅଧୀନରେ ଥିବା ପ୍ରାଧିକର୍ତ୍ତାସମୂହ ଏବଂ କମିଟିସମୂହର ସଦସ୍ୟଗଣ ବା ଅଧିକାରୀମାନଙ୍କ ଦ୍ୱାରା ଅପରାଧମାନ-**

ଯେଉଁସ୍ଥଳେ କୌଣସି ପ୍ରାଧିକର୍ତ୍ତା ବା କମିଟି ଅଥବା ପ୍ରାଧିକର୍ତ୍ତା ବା କମିଟିର ଜଣେ ଅଧିକାରୀ ବା ସଦସ୍ୟ ଏହି ଆଇନ୍‌ର କୌଣସି ପ୍ରାବ୍‌ଧାନ ବା ଏହା ଅଧୀନରେ ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ ସମ୍ପର୍କରେ ପ୍ରଣୀତ ହୋଇଥିବା କୌଣସି ନିୟମକୁ ଉଲ୍ଲଘଂନ କରନ୍ତି, ତେବେ ସେ ଅଥବା ସେମାନେ ଏହି ଆଇନ୍ ଅନୁଯାୟୀ ଅପରାଧରେ ଦୋଷୀ ବିବେଚିତ ହେବେ ଏବଂ ତାଙ୍କ ବିରୁଦ୍ଧରେ କାର୍ଯ୍ୟବିଧି ଆରମ୍ଭ କରାଯାଇପାରିବ ତଥା ସେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ:

ପରନ୍ତୁ, ଏହି ଉପଧାରା ଅଧିନରେ ଯାହାକିଛି ପ୍ରାବ୍‌ଧାନିତ ହୋଇଥାଉନା କାହିଁକି, ତଦ୍ୱାରା ଜଣେ ପ୍ରାଧିକର୍ତ୍ତା ବା କମିଟିର ସଦସ୍ୟ ବା ବିଭାଗୀୟ ମୁଖ୍ୟ ବା ଏହି ଧାରାରେ ସୂଚୀତ ହୋଇଥିବା ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଦଣ୍ଡବିଧାନ ଲାଗୁ ହେବନାହିଁ, ଯଦି ସେ ପ୍ରମାଣ କରିପାରନ୍ତି ଯେ, ଅପରାଧ ଟି ତାଙ୍କ ଅଜାଣତରେ ଘଟିଥିଲା ଅଥବା ଏପରି ଅପରାଧ ନ ଘଟିବା ଉଦ୍ଦେଶ୍ୟରେ ସେ ଯଥାବିଧି ସମସ୍ତ ସତର୍କତା ଗ୍ରହଣ କରିଥିଲେ ।

## ୮. ଅପରାଧର ସଂଜ୍ଞାନ-

ଯେଉଁସ୍ଥଳେ ଗ୍ରାମସଭାର ଗୋଟିଏ ପ୍ରସ୍ତାବକୁ ନେଇ ଉପୁଜିଥିବା ଏକ ବିବାଦ ପରିପ୍ରେକ୍ଷୀରେ ଜଙ୍ଗଲବାସୀ ଅନୁସୂଚୀତ ଜନଜାତିର ଜଣେ ବ୍ୟକ୍ତି ଅଥବା ଏକ ଉଚ୍ଚତର ପ୍ରାଧିକର୍ତ୍ତାଙ୍କ ବିରୁଦ୍ଧରେ ନିଜେ ଗ୍ରହଣ କରିଥିବା ଏକ ପ୍ରସ୍ତାବ ମାଧ୍ୟମରେ ଗୋଟିଏ ଗ୍ରାମସଭା ଷାଠିଏ ଦିନରୁ କମ୍ ହୋଇନଥିବା ସମୟ ମଧ୍ୟରେ ରାଜ୍ୟସ୍ତରୀୟ ତଦାରଖ କମିଟିଙ୍କ ଧ୍ୟାନ ଆକର୍ଷଣ କରିଥିବେ ଅଥଚ ରାଜ୍ୟସ୍ତରୀୟ ତଦାରଖ କମିଟି ଉକ୍ତ ପ୍ରାଧିକର୍ତ୍ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିବେ, ସେପରି ସ୍ଥିତି ବ୍ୟତିରେକ ଅନ୍ୟ କୌଣସି କ୍ଷେତ୍ରରେ ଧାରା-୭ ଅଧୀନସ୍ଥ ଏକ ଅପରାଧକୁ କୌଣସି ଅଦାଲତ ସଂଜ୍ଞାନ କରିବେ ନାହିଁ ।

## ଅଧ୍ୟାୟ-୬: ବିବିଧ

## ୯. ପ୍ରାଧିକର୍ତ୍ତାବୃନ୍ଦଙ୍କର ସଦସ୍ୟମାନଙ୍କୁ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚନା-

ଅଧ୍ୟାୟ-୪ରେ ସୂଚୀତ ହୋଇଥିବା ପ୍ରାଧିକର୍ତ୍ତାମାନଙ୍କର ପ୍ରତି ସଦସ୍ୟ ଏବଂ ଏହି ଆଇନ୍ ବଳରେ ବା ଅଧୀନରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀ ଭିତରୁ କୋଣସି ଗୋଟିଏକୁ ପ୍ରୟୋଗ କରୁଥିବା ଅନ୍ୟ ପତ୍ୟେକ ଅଧିକାରୀ ଭାରତୀୟ ଦଣ୍ଡ ସଂହିତା(୧୮୬୦ର ଆଇନ୍ ସଂଖ୍ୟା-୪)ର ଧାରା-୨୧ର ଅର୍ଥ ଅନୁଯାୟୀ ଜଣେ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚିତ ହେବେ ।

## ୧୦. ସଦୁଦ୍ଦେଶ୍ୟରେ ସମ୍ପାଦିତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ-

(୧) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ ବା ଅନ୍ୟ କର୍ମଚାରୀ ଯଦି ସଦୁଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟ କରିଥାନ୍ତି ବା କୌଣସି କାର୍ଯ୍ୟ କରିବାର ଅଭିଳାଷ ପୋଷଣ କରିଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟ କୌଣସି ଆଇନ୍‌ଗତ କାର୍ଯ୍ୟବିଧି ଅନୁଷ୍ଠିତ ହୋଇପାରିବ ନାହିଁ ।

(୨) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାର ବା ରାଜ୍ୟ ସରକାର ଅଥବା ସେମାନଙ୍କର କେହି ଅଧିକାରୀ ବା ଅନ୍ୟ କର୍ମଚାରୀଗଣ ଯଦି ସଦୁଦ୍ଦେଶ୍ୟ ରଖି ଏପରି କୌଣସି କାର୍ଯ୍ୟ କରିଥାନ୍ତି ବା କରିବାର ଅଭିଳାଷ ପୋଷଣ କରିଥାନ୍ତି, ଯଦ୍ୱାରା କୌଣସି କ୍ଷତି ଘଟିଥାଏ ବା ଘଟିବାର ସମ୍ଭାବନା ଥାଏ, ତେବେ ତାଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଅନ୍ୟ ଆଇନ୍‌ଗତ କାର୍ଯ୍ୟବିଧି ଅନୁଷ୍ଠିତ ହୋଇପାରିବ ନାହିଁ ।

(୩) ଅଧ୍ୟାୟ-୪ରେ ସୂଚୀତ ହୋଇଥିବା କୌଣସି ପ୍ରାଧିକର୍ତ୍ତାର ଅଧ୍ୟକ୍ଷ, ସଦସ୍ୟବୃନ୍ଦ, ସଦସ୍ୟ-ସଚ୍ଚୀବ, ଅଧିକାରୀବୃନ୍ଦ ଓ ଅନ୍ୟ କର୍ମଚାରୀବୃନ୍ଦଙ୍କ ସମେତ ସେହି ପ୍ରାଧିକର୍ତ୍ତା ଯଦି ସଦୁଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟ କରିଥାନ୍ତି ବା କରିବାର ଅଭିଳାଷ ପୋଷଣ କରିଥାନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଅନ୍ୟ କୌଣସି ଆଇନ୍‌ଗତ କାର୍ଯ୍ୟବିଧି ଅନୁଷ୍ଠିତ ହୋଇପାରିବ ନାହିଁ।

**୧୧. ସଂଯୋଜକ ସଂସ୍ଥା-**

ଜନଜାତି ବ୍ୟାପାର ଦେଖାଶୁଣା କରୁଥିବା କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ବା ଏଥି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାଧିକୃତ ହୋଇଥିବା କୌଣସି ଅଧିକାରୀ ବା ପ୍ରାଧିକର୍ତ୍ତା ଏହି ଆଇନ୍‌ର ପ୍ରାବ୍‌ଧାନସମୂହକୁ କ୍ରିୟାନ୍ୱୟନ କରିବା ଉଦ୍ଦେଶ୍ୟରେ ସଂଯୋଜକ ସଂସ୍ଥା ରୂପେ କାର୍ଯ୍ୟ କରିବେ।

**୧୨. ନିର୍ଦ୍ଦେଶାବଳୀ ଜାରି କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା-**

ଅଧ୍ୟାୟ-୪ରେ ସୂଚୀତ ହୋଇଥିବା ପ୍ରତି ପ୍ରାଧିକର୍ତ୍ତା ଏହି ଆଇନ୍ ବଳରେ ଏବଂ ଏହା ଅଧୀନରେ ନ୍ୟସ୍ତ ହୋଇଥିବା ଦାୟିତ୍ୱାବଳୀର ସଂପାଦନ ତଥା କ୍ଷମତାବଳୀର ପ୍ରୟୋଗ କଲାବେଳେ ସେହିସବୁ ସାଧାରଣ ବା ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀର ଅଧୀନରେ ରହି କାର୍ଯ୍ୟ କରିବେ, ଯାହାକି କେନ୍ଦ୍ର ସରକାରଙ୍କ ପକ୍ଷରୁ ସମୟାନ୍ତରରେ ଲିଖିତ ଭାବେ ଜାରି କରାଯାଇପାରେ ।

**୧୩. ଅନ୍ୟ କୌଣସି ଆଇନ୍‌ର ଅବମାନନା କରୁନଥିବା ଏହି ଆଇନ୍-**

ଏହି ଆଇନ୍ ଅଧୀନରେ ଏବଂ ପଞ୍ଚାୟତସମୂହ (ଅନୁସୂଚୀତ ଅଞ୍ଚଳସମୂହକୁ ସମ୍ପ୍ରସାରଣ) ପ୍ରାବ୍‌ଧାନ୍‌ସମୂହ ଆଇନ୍, ୧୯୯୬ ଅଧୀନରେ ଭିନ୍ନ କୌଣସି ପ୍ରାବ୍‌ଧାନ ସ୍ଥାନିତ ହୋଇଥିଲେ, ସେଗୁଡିକ ବ୍ୟତିରେକ ଏହି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକ ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ ଯେ କୌଣସି ଆଇନ୍‌ର ପ୍ରାବ୍‌ଧାନ୍‌ସମୁହ ସହିତ ଯୁକ୍ତ ହୋଇ ପ୍ରଯୁଜ୍ୟ ରହିବ, କିନ୍ତୁ ସେଗୁଡ଼ିକର ଅବମାନନା କରି ନୁହେଁ।

**୧୪. ନିୟମାବଳୀ ପ୍ରଣୟନର କ୍ଷମତା-**

(୧) କେନ୍ଦ୍ର ସରକାର ଏହି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପୂର୍ବ-ପ୍ରକାଶନର ସର୍ତ୍ତ ଅଧୀନରେ ରହ ବିଜ୍ଞପ୍ତି ବଳରେ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ବିଶେଷଭାବେ, ଏବଂ ପୂର୍ବଗାମୀ କ୍ଷମତାବଳୀର ବ୍ୟାପକତାକୁ ପ୍ରତିବନ୍ଧ ନ କରି, ଏଭଳି ନିୟମାବଳୀ ନିମ୍ନଲିଖିତ ବିଷୟଗୁଡିକ ଭିତରୁ ସମସ୍ତ ବା କୌଣସି ବିଷୟ ପାଇଁ ପ୍ରାବ୍‌ଧାନ୍ କରିପାରେ -

(ଏ) ଧାରା-୬ରେ ବିନିର୍ଦ୍ଦିଷ୍ଟ ହୋଇଥିବା କାର୍ଯ୍ୟପ୍ରକ୍ରିୟାର ପ୍ରୟୋଗ ପାଇଁ ପଦ୍ଧତି-ସଂପର୍କୀତ ସବିଶେଷ ସୂଚନାବଳୀ ;

(ବି) ଧାରା-୬ର ଉପଧାରା(୧) ଅଧୀନରେ ଜଙ୍ଗଲ ଅଧିକାରସମୂହର ପ୍ରୟୋଗାର୍ଥେ ପ୍ରାପ୍ୟ-ସଂପର୍କୀତ ଆବେଦନଗୁଡିକୁ ଗ୍ରହଣ, ସଂକଳନ ଏବଂ ଯାଞ୍ଚ କରିବା ତଥା ପ୍ରତି ଅନୁମୋଦିତ ପ୍ରାପ୍ୟ ପାଇଁ ଉଦ୍ଦିଷ୍ଟ ଇଲାକାର ପରିସୀମା ଚିହ୍ନଟ କରୁଥିବା ଗୋଟିଏ ଲେଖାଁ ମାନଚିତ୍ର ପ୍ରସ୍ତୁତ କରିବାର କାର୍ଯ୍ୟପ୍ରକ୍ରିୟା ଏବଂ ସେହି ଧାରାର

ଉପଧାରା (୨) ଅଧୀନରେ ଉପଖଣ୍ଡସ୍ତରୀୟ କମିଟିଙ୍କ ନିକଟରେ ପ୍ରତିବେଦନ ପେଶ୍ କରିବାର ପ୍ରଣାଳୀ;

(ସି) ଧାରା-୬ର ଉପଧାରା (୮) ଅଧୀନରେ ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ଓ ରାଜ୍ୟସ୍ତରୀୟ ତଦାରଖ କମିଟିର ସଦସ୍ୟରୂପେ ରାଜ୍ୟ ସରକାରଙ୍କର ରାଜସ୍ୱ, ଜଙ୍ଗଲ ତଥା ଜନଜାତି ବ୍ୟାପାର ବିଭାଗଗୁଡିକର ଯେଉଁ ଅଧିକାରୀମାନେ ନିଯୁକ୍ତ ହେବେ, ସେମାନଙ୍କର ପାହ୍ୟା;

(ଡି) ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ଓ ରାଜ୍ୟସ୍ତରୀୟ ତଦାରଖ କମିଟିର ଗଠନ ଓ କାର୍ଯ୍ୟାବଳୀ ତଥା ଧାରା ୬ର ଉପଧାରା (୯) ଅଧୀନରେ ସେମାନେ ନିଜର କାର୍ଯ୍ୟ ସମ୍ପାଦନ ପାଇଁ ସେମାନଙ୍କ ଦ୍ୱାରା ଅନୁସୃତ ହେବାକୁ ଥିବା କାର୍ଯ୍ୟପ୍ରକ୍ରିୟା;

(ଇ) ଅନ୍ୟ କୌଣସି ବିଷୟ, ଯାହାକୁ ବିହିତ କରିବା ଆବଶ୍ୟକ ପଡିପାରେ ବା ଯାହା ବିହିତ ହୋଇପାରେ ।

(୩) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାରଙ୍କର ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ନିୟମ ଏହା ପ୍ରଣୀତ ହେବା ପରେ ଯଥାଶୀଘ୍ର ସମ୍ଭବ ସଂସଦର ଅଧିବେଶନ ଚାଲିଥିବା ବେଳେ ପ୍ରତ୍ୟେକ ଗୃହରେ ସମୁଦାୟ ୩୦ଦିନର କାଳାବଧି ପାଇଁ ଉପସ୍ଥାପନ କରାଯିବ, ଯେଉଁ କାଳାବଧି ଗୋଟିଏ ବା ଦୁଇଟି ବା ତତୋଧିକ ଉତ୍ତରବର୍ତ୍ତୀ ଅଧିବେଶନଗୁଡିକରେ ବ୍ୟାପ୍ତ ହୋଇଥାଇପାରେ; ଏବଂ ଯଦି ପୂର୍ବୋକ୍ତ ମତେ ଏକ ବା ଏକାଧିକ ଅଧିବେଶନ୍ର ଉତ୍ତରବର୍ତ୍ତୀ ଅଧିବେଶନ୍ର ଅବସାନ ପୂର୍ବରୁ ଉଭୟଗୃହ ସଂପୃକ୍ତ ନିୟମରେ କୌଣସି ପରିବର୍ତ୍ତନ ପାଇଁ ରାଜି ହୁଅନ୍ତି ଅଥବା ଉଭୟ ଗୃହ ରାଜି ହୁଅନ୍ତି ଯେ ସେହି ନିୟମ ପ୍ରଣୀତ ହେବନାହିଁ, ତେବେ ଉକ୍ତ ନିୟମ ତତ୍ପଶ୍ଚାତ୍ ଯଥାସ୍ଥିତି ପରିବର୍ତ୍ତିତ ରୂପରେ ପ୍ରଭାବ ବହନ କରିବ, ଅଥବା କୌଣସି ପ୍ରଭାବ ବହନ କରିବ ନାହିଁ ; ସେ ଯାହା ହେଉ ନା କାହିଁକି, ଏଭଳି କୌଣସି ପରିବର୍ତ୍ତନ ବା ପ୍ରତ୍ୟାଖ୍ୟାନ ଯୋଗୁଁ ସେହି ନିୟମ ଅଧୀନରେ ପୂର୍ବରୁ ଯାହାକିଛି ସମ୍ପାଦିତ ହୋଇଥିବ, ତହିଁର ବିଧି-ମାନ୍ୟତାରେ ଆଞ୍ଚ ଲାଗିବ ନାହିଁ ।

**କେ.ଏନ୍.ଚର୍ତୁବେଦୀ**

**ଭାରତ ସରକାରଙ୍କ ସଚୀବ**

[Oriya Translation by Chitta Behera, 4A Jubilee Tower, Choudhury Bazar, Cuttack-9, PH: 0671-2308137 & 2308518, Mob: 9437577546, Email: chittabehera1@yahoo.co.in on 7th Sept. 2007]